ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# କରୋନା ଭାଇରସ ସଂକ୍ରମଣ ୨୦୧୯ (କୋଭିଡ୍-୧୯)

## ଗୃହ ପୃଥକୀକରଣ ପାଇଁ ମାର୍ଗଦର୍ଶିକା

କରୋନା ଭାଇରାସ ୨୦୧୯ ହେଉଛି ଏକ ନୂଆ ଧରଣର ଭାଇରସ୍ ଯାହା ସାରା ପୃଥିବୀରେ କୋଭିଡ୍-୧୯ ବା କରୋନା ଭାଇରସ୍ ଜନିତ ସଂକ୍ରମଣ ସୃଷ୍ଟି କରିଛି । ଏହା ଚୀନରୁ ପ୍ରଥମେ ଆରମ୍ଭ ହୋଇଥିଲା, ଏବଂ ବିଶ୍ୱର ବିଭିନ୍ନ ଦେଶରେ ଏହି ସଂକ୍ରମଣ ବ୍ୟାପି ସାରିଲାଣି । ଏହା ମଣିଷକୁ ପ୍ରଭାବିତ କରେ ଓ ମଣିଷ ଠାରୁ ମଣିଷକୁ ସଂକ୍ରମିତ ହୋଇଥାଏ । ସଂକ୍ରମିତ ଦେଶରୁ ଆସିଥିବା କିମ୍ବା ସଂକ୍ରମଣ ସଂସ୍ପର୍ଶରେ ଆସିଥିବା, ମାତ୍ର, ଲକ୍ଷଣ ନଥିବା ବ୍ୟକ୍ତି, ଘରେ ୧୪ ଦିନ ଅଲଗା ରହିବା ଉଚିତ୍ ଓ ପରବର୍ତ୍ତୀ ୧୪ ଦିନ ସ୍ୱ-ନିରୀକ୍ଷଣରେ ରହିବା ଆବଶ୍ୟକ ।

**ଗୃହ ପୃଥକୀକରଣ ପାଇ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ :**



ମୁକ୍ତ ବାୟୁ ଚଳାଚଳ କରୁଥିବା ଏବଂ ଏ.ସି. ଲଗାଯାଇନଥିବା କକ୍ଷ ବ୍ୟବହାର କରନ୍ତୁ



ଦିନବେଳେ ଝରକା ଖୋଲା ରଖନ୍ତୁ

## ପୃଥକୀକରଣ କକ୍ଷ ପାଇଁ



ସଂଦିଗ୍ଧ ସଂକ୍ରମିତ ବ୍ୟକ୍ତି ସ୍ୱତନ୍ତ୍ର ଶୌଚାଳୟ ବ୍ୟବହାର କରିବା ଉଚିତ୍
ରୋଗୀର ବାସନ, ବିଛଣାପତ୍ର ଓ ଅନ୍ୟାନ୍ୟ ଜିନିଷ ଅନ୍ୟମାନେ ବ୍ୟବହାର କରିବା ଅନୁଚିତ୍



ବାରମ୍ବାର ଭଲଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ



ନିଜର ପରିଚ୍ଛନ୍ନତା ପାଇଁ ଧ୍ୟାନ ଦିଅନ୍ତୁ



କାଶ ଓ ଛିଙ୍କ ସମୟରେ ମୁହଁ ଏବଂ ନାକକୁ ରୁମାଲ୍ କିମ୍ବା ଟିସୁ ପେପରରେ ଘୋଡାଇ ଦିଅନ୍ତୁ



୧. ସଂକ୍ରମିତ ଚଦର, ଗାମୁଛା ଏବଂ ଅନ୍ୟାନ୍ୟ କପଡାକୁ ଭଲ ଭାବରେ ସାବୁନ୍‌ରେ ସଫାକରି ଖରାରେ ଶୁଖାନ୍ତୁ ।
୨. ସଂକ୍ରମିତ ମାସ୍କ, ଟିସୁ ପେପର୍ ଏବଂ ସାନିଟାରୀ ପ୍ୟାଡ୍‌କୁ ଘୋଡଣୀ ଥିବା ଡଷ୍ଟବିନ୍‌ରେ ରଖନ୍ତୁ ଓ ପରେ ପୋଡି ଦିଅନ୍ତୁ ।




ଘରକୁ କୀଟାଣୁ ନାଶକ ଦ୍ରବଣ ଦ୍ୱାରା ସଫା କରନ୍ତୁ



କୀଟାଣୁ ନାଶକ ଦ୍ୱାରା ଆସବାବ ପତ୍ର, ହାତଧୁଆ ବେସିନ୍ ଏବଂ ଶୌଚାଳୟକୁ ସଫା କରନ୍ତୁ



ସେବା ପ୍ରଦାନକାରୀଙ୍କ ପାଇଁ କକ୍ଷ ସମ୍ମୁଖରେ ହାତ ଧୁଆର ବ୍ୟବସ୍ଥା କରାନ୍ତୁ




ପରିଦର୍ଶକଙ୍କ ପ୍ରବେଶ ନିଷେଧ କରାନ୍ତୁ

**ଯଦି ଜ୍ୱର, କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି,**
**ତେବେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ ।**

ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ ୦୬୭୪-୨୩୯୦୪୬୬ କିମ୍ବା ମୋବାଇଲ୍: ୯୪୩୯୯୯୪୮୫୭/ ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ

facebook.com/HFWOdisha http://www.health.odisha.gov.in/ @HFWOdisha




**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା**

**ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ**

ଟେଲିଫୋନ୍ - ୦୬୭୪ ୨୩୯୦୪୬୬ ମୋବାଇଲ୍ - ୯୪୩୯୯୯୪୮୫୭ / ୯୪୩୯୯୯୪୮୫୯

facebook.com/HFWOdisha | http://www.health.odisha.gov.in/ | HFWOdisha